# ପୁରୁଷ, ନାରୀ ଓ ପବିତ୍ର ଧର୍ମଶାସ୍ତ୍ରୀୟ ସମାନତା

CBE INTERNATIONAL

## ଧର୍ମଶାସ୍ତ୍ରୀୟ ସମାନତାକୁ ସମର୍ଥନ କରୁଥିବା ଖ୍ରୀଷ୍ଟ ବିଶ୍ୱାସୀ

ସୃଷ୍ଟି ଓ ମନୁଷ୍ୟର ପରିତ୍ରାଣ ସମ୍ବନ୍ଧରେ ଧର୍ମଶାସ୍ତ୍ର ପୁରୁଷ ଓ ନାରୀଙ୍କର ସମ୍ପୂର୍ଣ୍ଣ ସମାନତା ବିଷୟରେ ଶିକ୍ଷା ଦିଏ (ଆଦି 1:26-28, 2:23, 5:1-2; 1 କର. 11:11-12; ଗାଲା. 3:13, 28, 5:1)।

ବାଇବଲ ଶିକ୍ଷା ଦିଏ ଯେ ପରମେଶ୍ୱର ନିଜକୁ ପବିତ୍ର ଧର୍ମଶାସ୍ତ୍ରରେ ପ୍ରକାଶ କଲେ ଯାହା କି ପରମେଶ୍ୱରଙ୍କ ଅଧିକାରାଧୀନ ବାକ୍ୟ (ମାଥି. 5:18; ଯୋହନ 10:35; 2 ତିମୋ. 3:16; 2 ପିତ. 1:20-21)। ଆମ୍ଭେମାନେ ବିଶ୍ୱାସ କରୁ ଯେ ପବିତ୍ର ଧର୍ମଶାସ୍ତ୍ରକୁ ବୁଝିବାକୁ ହେଲେ ଏହାର ସମ୍ପୂର୍ଣ୍ଣ ବିଶ୍ଳେଷଣ ଓ ବିଷୟବସ୍ତୁକୁ ପ୍ରାଧାନ୍ୟ ଦେଇ ଧର୍ମଶାସ୍ତ୍ରକୁ ବ୍ୟାଖ୍ୟା କରିବା ଆବଶ୍ୟକ। ଏହା ଆମ୍ଭେମାନେ ଜାଣୁ ଯେ ଈଶ୍ୱରଙ୍କ ପ୍ରେରଣା ଓ ପବିତ୍ର ଧର୍ମଶାସ୍ତ୍ର ବିଷୟକ ବ୍ୟାଖ୍ୟାର ପ୍ରଭେଦ ଜାଣିବା ଆବଶ୍ୟକ : ପରମେଶ୍ୱରଙ୍କ ପ୍ରେରଣା ଆଧାତ୍ମିକ ଉତ୍ତେଜନା ଓ ନିୟନ୍ତ୍ରଣ ସହିତ ଜଡ଼ିତ ଯାହା ପ୍ରକାଶ କରେ ଯେ ପବିତ୍ର ଧର୍ମଶାସ୍ତ୍ର ପରମେଶ୍ୱରଙ୍କ ମୁଖ ନିର୍ଗତ ବାକ୍ୟ; ପବିତ୍ର ଧର୍ମଶାସ୍ତ୍ର ବିଷୟକ ବ୍ୟାଖ୍ୟା ଏକ ମାନବୀୟ କାର୍ଯ୍ୟ, ଯାହାଦ୍ୱାରା ପବିତ୍ର ବାକ୍ୟର ସତ୍ୟ କିପରି ଏକ ଆରେକ ସହିତ ଜଡ଼ିତ ଓ ପବିତ୍ରାତ୍ମାଙ୍କ ଦ୍ୱାରା ପରିଚାଳିତ ତାହା ପ୍ରକାଶ କରେ। ପ୍ରକୃତ ଧର୍ମଶାସ୍ତ୍ରୀୟ ହେବାକୁ ହେଲେ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କୁ ନିରନ୍ତର ନିଜ ଧର୍ମ ବିଶ୍ୱାସ ଓ ବ୍ୟବହାରରେ ପ୍ରକାଶ ପାଉଅଛି କି ନାହିଁ ତାହା ଧର୍ମଶାସ୍ତ୍ରର ଦୃଷ୍ଟିକୋଣରେ ପରୀକ୍ଷା କରିବା ଆବଶ୍ୟକ।

## ପବିତ୍ର ଧର୍ମଶାସ୍ତ୍ରୀୟ ସତ୍ୟ

### ସୃଷ୍ଟି

୧. ବାଇବଲ ଶିକ୍ଷା ଦିଏ ଯେ ଉଭୟ ପୁରୁଷ ଓ ନାରୀ ପରମେଶ୍ୱରଙ୍କ ଆକୃତିରେ ନିର୍ମିତ, ସେମାନଙ୍କର ପରମେଶ୍ୱରଙ୍କ ସହିତ ସିଧାସଳଖ ସମ୍ପର୍କ ରହିଥିଲା ଓ ସେମାନେ ଉଭୟେ ମିଳିତ ଭାବେ ସନ୍ତାନ ପରିପୋଷଣ ଓ ସୃଷ୍ଟି ଉପରେ କର୍ତ୍ତୃତ୍ୱ କରିବାର ଅଧିକାର ପ୍ରାପ୍ତ ହେଲେ (ଆଦି 1:26-28)।

୨. ବାଇବଲ ଶିକ୍ଷା ଦିଏ ଯେ ପୁରୁଷ ଓ ନାରୀ ସମ୍ପୂର୍ଣ୍ଣ ଓ ସମାନ ଅଧିକାରର ଦାୟିତ୍ୱ ମିଳିତ ଭାବରେ ପ୍ରାପ୍ତ ହୋଇଥିଲେ। ଆଦିପୁସ୍ତକ 2:18 ପଦରେ ନାରୀ ପାଇଁ ବ୍ୟବହାର ହୋଇଥିବା 'ସହାୟକ' (ଏଜେର) ଶବ୍ଦ ପୁରାତନ ନିୟମରେ ବିଭିନ୍ନ ସ୍ଥାନରେ ପରବେଶ୍ୱରଙ୍କ ସହାୟତାକୁ ନିର୍ଦ୍ଦେଶ କରେ (1 ଶାମୁ. 7:12; ଗୀତ. 121:1-2)। ଫଳସ୍ୱରୂପ ଏହି ଶବ୍ଦ ନାରୀମାନଙ୍କର ଅଧୀନତା କିମ୍ବା ସେମାନେ ଯେ ନିମ୍ନସ୍ତରର ମଣିଷ ତାହା ବୁଝାଏ ନାହିଁ।

୩. ବାଇବଲ ଶିକ୍ଷା ଦିଏ ଯେ ପୁରୁଷ ଠାରୁ ନାରୀର ଉତ୍ପତ୍ତି ମନୁଷ୍ୟ ଜାତିର ଏକତା ଓ ସମାନତାର ମୂଳଦୁଆ (ଆଦି 2:21-23)। ଆଦି ପୁସ୍ତକ 2:18, 20 ପଦରେ ବ୍ୟବହାର ହୋଇଥିବା 'ଉପଯୁକ୍ତ' (କେନେଗଡ଼ୋ) ଶବ୍ଦ ସମାନତା ଓ ପର୍ଯ୍ୟାପ୍ତତାକୁ ବୁଝାଏ।

୪. ବାଇବଲ ଶିକ୍ଷା ଦିଏ ଯେ ପୁରୁଷ ଓ ନାରୀ ଉଭୟେ ପତନର ଯୁଗ୍ମ ଭାଗିଦାରୀ : 'ଆଦମ', 'ହବା'ର ତୁଳନାରେ କମ୍ ଭାଗିଦାରୀ ନଥିଲା (ଆଦି 3:6; ରୋମୀ. 5:12-21; 1 କର. 15:21-22)।

୫. ବାଇବଲ ଶିକ୍ଷା ଦିଏ ଯେ ହବା ଉପରେ ଆଦମର କର୍ତ୍ତୃତ୍ୱର ଅଧିକାର ମନୁଷ୍ୟ ପତନର ପରିଣାମ ଅଟେ ଏବଂ ସେଥିପାଇଁ ଏହା ସୃଷ୍ଟିର ପ୍ରାରମ୍ଭ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ନୁହେଁ। ଆଦିପୁସ୍ତକ 3:16 ମନୁଷ୍ୟର ପତନର ଫଳାଫଳର ପୂର୍ବାଭାଷ ଅଟେ, ମାତ୍ର ସୃଷ୍ଟିର ପ୍ରାରମ୍ଭରୁ ପରମେଶ୍ୱର ଏହିପରି ଆଜ୍ଞା ଦେଇ ନଥିଲେ।

### ପରିତ୍ରାଣ

୬. ବାଇବଲ ଶିକ୍ଷା ଦିଏ ଯେ ଯୀଶୁଖ୍ରୀଷ୍ଟ କେବଳ ଯେ ପୁରୁଷମାନଙ୍କର ପରିତ୍ରାଣ ନିମନ୍ତେ ନୁହେଁ କିନ୍ତୁ ନାରୀମାନଙ୍କୁ ମଧ୍ୟ ପରିତ୍ରାଣ ଦେବା ନିମନ୍ତେ ଆସିଥିଲେ। ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ଆମ୍ଭେମାନେ ସମସ୍ତେ ପରମେଶ୍ୱରଙ୍କ ସନ୍ତାନ ହେବାର ଅଧିକାର ପାଇଥାଉ, ଖ୍ରୀଷ୍ଟଙ୍କ ଠାରେ ଏକ ହୋଇଥାଉ ଏବଂ କୌଣସି ଜାତୀୟ, ସାମାଜିକ ବା ଲିଙ୍ଗର ଭେଦଭାବ ବିନା ପରିତ୍ରାଣର ଆଶୀର୍ବାଦର ଅଧିକାରୀ ହୋଇଥାଉ (ଯୋହ. 1:12-13; ରୋମୀ. 8:14-17; 2 କର. 5:17; ଗାଲା. 3:26-28)।

### ସମାଜ

୭. ବାଇବଲ ଶିକ୍ଷା ଦିଏ ଯେ ପେଣ୍ଟିକଷ୍ଟ ଦିନ ଉଭୟ ପୁରୁଷ ଓ ନାରୀଙ୍କ ଉପରେ ପବିତ୍ର ଆତ୍ମା ଅବସ୍ଥାନ କରିଥିଲେ। ବିନା କୌଣସି ଭେଦଭାବ ରଖି ପବିତ୍ର ଆତ୍ମା ଉଭୟ ପୁରୁଷ ଓ ନାରୀଙ୍କ ଠାରେ ନିବାସ କରନ୍ତି ଏବଂ ବିନା କୌଣସି ଲିଙ୍ଗର ଭେଦଭାବରେ ଆତ୍ମିକ ଗୁଣଦାନ କରିଥାନ୍ତି (ପ୍ରେରି. 2:1-21; 1 କର. 12:7, 11; 14:31)।

୮. ବାଇବଲ ଶିକ୍ଷା ଦିଏ ଯେ ଉଭୟ ନାରୀ ଓ ପୁରୁଷ ତାଙ୍କର ପ୍ରାପ୍ତ ହୋଇଥିବା ଆତ୍ମିକଦାନ ଗୁଡ଼ିକୁ ବୃଦ୍ଧି ଓ ଉପଯୋଗ କରିବା ପାଇଁ ଓ ପରମେଶ୍ୱରଙ୍କ ଅନୁଗ୍ରହର ଭଣ୍ଡାରଘରିଆ ନିମନ୍ତେ ତାହା ବ୍ୟବହାର କରିବା ପାଇଁ ଆହ୍ୱାନ ପ୍ରାପ୍ତ (1 ପିତ. 4:10-11)। ଉଭୟ ନାରୀ ଓ ପୁରୁଷ ଆତ୍ମିକ ଦାନ ପ୍ରାପ୍ତ ଏବଂ ଖ୍ରୀଷ୍ଟଙ୍କ ସମ୍ପୂର୍ଣ୍ଣ ଶରୀରର (ମଣ୍ଡଳୀ) ସେବା କରିବା ନିମନ୍ତେ ତାହାଙ୍କ ଅଧିକାର ଦ୍ୱାରା ଅଧିକାର ପ୍ରାପ୍ତ (ପ୍ରେରି. 1:14, 18:26, 21:9; ରୋମୀ 16:1-7, 12-13, 15; ଫିଲି 4:2-3; କଲ. 4:15; ପୁନର୍ବାର ଦେଖନ୍ତୁ ମାର୍କ 15:40-41; 16:1-7; ଲୁକ 8:1-3; ଯୋହ. 20:17-18; ପୁରାତନ ନିୟମର ଉଦାହରଣମାନଙ୍କ ସହିତ ମଧ୍ୟ ତୁଳନା କରି ଦେଖନ୍ତୁ ବିଚାର. 4:4-14, 5:7; 2 ବଂଶା. 34:22-28; ଉପ. 31:30-21; ମୀଖା 6:4)।

୯. ବାଇବଲ ଶିକ୍ଷା ଦିଏ ଯେ ନୂତନ ନିୟମରେ ନାରୀ ତଥା ପୁରୁଷ ଉଭୟେ ଭବିଷ୍ୟତବାଣୀ କହୁଥିଲେ ଏବଂ ପୌରହିତ୍ୟ ଓ ରାଜକୀୟ କାର୍ଯ୍ୟ କରୁଥିଲେ (ପ୍ରେରି. 2:17-18, 21:9; 1 କର. 11:5; ପିତର. 2:9-10; ପ୍ରକା.ବା. 1:6, 5:10)। ସେଥିପାଇଁ କିଛି ପଦ ଯାହା ନାରୀମାନଙ୍କ ଉପରେ ବିଭିନ୍ନ ପ୍ରକାରର ନୀତି ନିୟମର ବନ୍ଧନରେ ବାନ୍ଧି ରଖେ ଓ ସେମାନଙ୍କ ସମ୍ପୂର୍ଣ୍ଣ ପରିତ୍ରାଣର ମୁକ୍ତି ଦେବାରେ ବାଧା ସୃଷ୍ଟି କରେ, ସେହି ପଦମାନ ପବିତ୍ର ଶାସ୍ତ୍ରର ଅନ୍ୟ ପଦ ସହିତ ମେଳ ହେଉ ନଥିବା ଯୋଗୁଁ ଏହି ପ୍ରକାର ପଦ ବ୍ୟାଖ୍ୟା କରିବା ସମୟରେ ଶାସ୍ତ୍ରର ବିସ୍ତୃତ ଶିକ୍ଷା ଓ ଉକ୍ତ ଲେଖାର ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ବ୍ୟାଖ୍ୟା କରିବା ଆବଶ୍ୟକ (1 କର. 11:2-16, 14:33-36; 1 ତିମୋ. 2:9-15)।

୧୦. ବାଇବଲରେ ନେତୃତ୍ୱର ପରିଭାଷା ଅନ୍ୟକୁ ସେବା କାର୍ଯ୍ୟ ପାଇଁ ଉତ୍ସାହ ପ୍ରଦାନ କରେ ନା କି ସେମାନଙ୍କ ଉପରେ ଅଧିକାରର ଚାପ ପକାଏ (ମାଥି. 20:25-28, 23:8; ମାର୍କ 10:42-45; ଯୋହ. 13:13-17; ଗାଲା. 5:13; 1 ପିତ. 5:2-3)।

## ପରିବାର

୧୧. ବାଇବଲ ଶିକ୍ଷା ଦିଏ ଯେ ସ୍ୱାମୀମାନେ ଓ ତାଙ୍କ ସ୍ତ୍ରୀମାନେ ଉଭୟେ ମିଳିତ ଭାବେ ଜୀବନର ଅନୁଗ୍ରହ ପ୍ରାପ୍ତ ହୋଇଛନ୍ତି ଏବଂ ଏକ ଆରେକ ସହିତ ପରସ୍ପର ପ୍ରତି ସମର୍ପଣ ଓ ଦାୟିତ୍ୱ ନେବାର ବନ୍ଧନରେ ଜଡ଼ିତ (1 କର. 7:3-5; ଏଫି. 5:21; 1 ପିତ. 3:1-7; ଆଦି. 21:12) । ସ୍ୱାମୀମାନେ ସ୍ତ୍ରୀମାନଙ୍କର 'ମସ୍ତକ' (କେଫାଲେ) ହେବାର ଅର୍ଥ ଏହି ସମ୍ବନ୍ଧ ମଧରେ ପ୍ରେମ ଓ ସେବା ସ୍ୱଇଚ୍ଛାରେ ସମର୍ପିତ କରିବା (ଏଫି. 5:21-33, କଲ. 3:19; 1 ପିତ. 3:7) ।

୧୨. ବାଇବଲ ଉଭୟ ମାତା ଓ ପିତାମାନଙ୍କୁ ନିଜ ସନ୍ତାନମାନଙ୍କର ପୋଷଣ, ପ୍ରଶିକ୍ଷଣ, ଅନୁଶାସନ ଓ ଶିକ୍ଷାର ନେତୃତ୍ୱ ବହନ କରିବାର ଶିକ୍ଷା ଦିଏ (ଯାତ୍ରା. 20:12; ଲେବୀ. 19:3; ଦ୍ୱି.ବିବ. 6:6-9, 21:18-21, 27:16; ଉପ. 1:8, 6:20; ଏଫି. 6:1-4; କଲ. 3:20; 2 ତିମୋ. 1:5; ଆହୁରି ଦେଖନ୍ତୁ ଲୁକ 2:51) ।

## ଶିକ୍ଷା ଆହରଣ

## ସମାଜ

୧. ମଣ୍ଡଳୀ ପୁରୁଷ ଓ ନାରୀ ଉଭୟଙ୍କର ଆତ୍ମିକ ଦାନ ଗୁଡ଼ିକୁ ଚିହ୍ନଟ କରି ତାହାର ବୃଦ୍ଧି ଓ ବ୍ୟବହାର କିପରି ପ୍ରତ୍ୟେକ ସ୍ତରରେ ପରମେଶ୍ୱରଙ୍କ ସେବା ଓ ଶିକ୍ଷାରେ ବିନିଯୋଗ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ : ଯଥା ଛୋଟ ଛୋଟ ଦଳର ନେତୃତ୍ୱ, ପରାମର୍ଶଦାତା, ସହାୟକ, ପରିଚାଳକ, ମାର୍ଗଦର୍ଶକ, ପ୍ରଭୁଭୋଜ ପ୍ରଦାନରେ ସହାୟକ, ପ୍ରାଚୀନ ଏବଂ ପାଳକୀୟ ସେବା ଯଥା ପ୍ରଚାର କରିବା, ଶିକ୍ଷା ଦେବା ଓ ଆରାଧନା ପରିଚାଳନା କରିବାର ନେତୃତ୍ୱ ନେବା ।

ଏହା କରିବା ଦ୍ୱାରା ମଣ୍ଡଳୀ ପରମେଶ୍ୱରଙ୍କୁ ସମସ୍ତ ଆତ୍ମିକ ଜ୍ଞାନର ସ୍ରୋତ ଭାବରେ ସମ୍ମାନ କରିପାରିବ । ପୁର୍ନବାର ଏହା କରିବା ଦ୍ୱାରା ପରମେଶ୍ୱରଙ୍କ ଦତ୍ତ ଭଣ୍ଡାରଘରିଆର ଉପଯୁକ୍ତ ରକ୍ଷଣାବେକ୍ଷଣ କରିପାରିବାରେ ବାଦ୍ ପଡ଼ିଥିବା ଅର୍ଦ୍ଧେକ ଭଣ୍ଡାରଘରିଆଙ୍କୁ ବ୍ୟବହାର କରି ବିନାବାଧାରେ ମଣ୍ଡଳୀ ପରମେଶ୍ୱରଙ୍କ ରାଜ୍ୟରେ ହେଉଥିବା ଭୟଙ୍କାର କ୍ଷତିକୁ ରକ୍ଷା କରିପାରିବ ।

୨. ମଣ୍ଡଳୀରେ ସେବା ଓ ନେତୃତ୍ୱ ଆତ୍ମିକ ଦାନ ପ୍ରାପ୍ତ ଉଭୟ ପୁରୁଷ ଓ ନାରୀଙ୍କୁ ସାମୁହିକ ମାନ୍ୟତା ଦେବା ଆବଶ୍ୟକ । ଏହା କରିବା ଦ୍ୱାରା ମଣ୍ଡଳୀ ସମାଜରେ ଏକତା ଓ ସମାନତାର ଉଦାହରଣ ସ୍ୱରୂପ ହୋଇପାରିବ ଯାହା କି ଖ୍ରୀଷ୍ଟ ବିଶ୍ୱାସୀଙ୍କ ସମାଜର ଚିହ୍ନ ଅଟେ । ଏହି ଜଗତ ଯାହା କି ଭେଦଭାବ ଓ ବୈରୀଭାବରେ କ୍ଷତିଗ୍ରସ୍ତ, ଯେଉଁମାନେ ମହିଳାମାନଙ୍କୁ ନିମ୍ନସ୍ତରର ଭାବେ ଗଣନା କରନ୍ତି, ମଣ୍ଡଳୀ ଏ ପ୍ରକାର ବିଚ୍ଛିନ୍ନତାରୁ ନିଜକୁ ପୃଥକ୍ ରଖି ଜାଗତିକ ନୀତି ନିୟମରୁ ନିଜକୁ ଭିନ୍ନ କରିପାରିବ । ଏହା କରିବା ଦ୍ୱାରା, ଭେଦଭାବ ଦ୍ୱାରା ଆହତ ପ୍ରାପ୍ତ ସଦସ୍ୟମାନଙ୍କୁ ମଣ୍ଡଳୀରୁ କିମ୍ବା ଖ୍ରୀଷ୍ଟ ବିଶ୍ୱାସରୁ ବିଚ୍ଛିନ୍ନ ହେବା ଠାରୁ ରକ୍ଷା କରାଯାଇପାରିବ ।

## ପରିବାର

୩. ଖ୍ରୀଷ୍ଟିୟ ପରିବାରରେ ସ୍ୱାମୀ ଓ ସ୍ତ୍ରୀ ନିଜ ଇଚ୍ଛା ଓ ଆକାଂକ୍ଷାକୁ ଗୁରୁତ୍ୱ ନ ଦେଇ ଏକ ଆରେକର ଇଚ୍ଛା ଓ ଆକାଂକ୍ଷା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ସ୍ୱାମୀ–ସ୍ତ୍ରୀ କେହି ମଧ କାହା ଉପରେ ଅଧିକାରର ଚାପ ନ ପକାଇ ଏକ ଆରେକର ସେବକ ଭାବେ ବ୍ୟବହାର କରିବା ଆବଶ୍ୟକ । ପ୍ରତ୍ୟେକଙ୍କୁ ନମ୍ରତାରେ ନିଜ ନିଜ ଇଚ୍ଛା ବ୍ୟକ୍ତ କରି ଅନ୍ୟକୁ ନିଜ ଠାରୁ ଉତ୍ତମ ବିବେଚନା କରିବା ଉଚିତ୍ । କୌଣସି ବିଷୟରେ ନିର୍ଣ୍ଣୟ ନେବାରେ କଠିଣ ପରିସ୍ଥିତି ସୃଷ୍ଟି ହେଲେ, ନିଜର ନିର୍ଣ୍ଣୟ ଅନ୍ୟକୁ ମାନିବାକୁ ବାଧ ନ କରି ବାଇବଲକୁ ଆଧାର କରି ନିଷ୍ପତ୍ତି ନେବା ଉଚିତ୍ ।

ଏହା କରିବା ଦ୍ୱାରା ସ୍ୱାମୀ ଓ ସ୍ତ୍ରୀ ଖ୍ରୀଷ୍ଟିୟ ପରିବାର ଭାବରେ କୌଣସି ଏକ ଦମ୍ପତ୍ତିଙ୍କ ଶକ୍ତି ଓ ଅଧିକାରର ଦୁରୁପଯୋଗରୁ ତଥା ସ୍ତ୍ରୀ ଓ ସନ୍ତାନମାନଙ୍କ ପ୍ରତି ହେଉଥିବା ପାରିବାରିକ ନିର୍ଯ୍ୟାତନା ଯାହା କି ସମୟ ସମୟରେ ପିତୃ କେନ୍ଦ୍ରୀକ ପରିବାରରେ ଦେଖା ଦେଇଥାଏ, ସେ ପ୍ରକାରର ପରିସ୍ଥିତିରୁ ପରିବାରକୁ ରକ୍ଷା କରିପାରିବେ ।

୪. ଖ୍ରୀଷ୍ଟିୟ ପରିବାରରେ ସ୍ୱାମୀ–ସ୍ତ୍ରୀ ଶିକ୍ଷା କରିବା ଉଚିତ ଯେ ଦାୟିତ୍ୱ ଓ ନେତୃତ୍ୱ ନିଜ ନିଜ ଦାନ, କୌଶଳ ଓ ରୁଚି ଅନୁସାରେ ବଣ୍ଟନ କରିବେ ଯେଉଁଥିରେ ସହ ଦମ୍ପତ୍ତିଙ୍କ ସମର୍ଥନ ରହିଥିବ । ଏହା କରିବା ଦ୍ୱାରା ସ୍ୱାମୀ–ସ୍ତ୍ରୀ ଏକ ଆରେକର ଗୁଣ ଓ କ୍ଷମତା ଜାଣିପାରିବେ ଓ ତଦ୍‌ନୁଯାୟୀ ଏକ ଆରେକକୁ ଆଦର ଓ ସମ୍ମାନ କରିପାରିବେ । ଏହି ପ୍ରକାରେ କୌଣସି ଦମ୍ପତିଙ୍କ ଦୁର୍ବଳତା ତାଙ୍କର ବାଧାର କାରଣ ହେବ ନାହିଁ କିମ୍ବା ଦୁର୍ବଳ ଦମ୍ପତି ନିଜ ଆତ୍ମସମ୍ମାନ ରକ୍ଷା କରିବା ପାଇଁ କୌଣସି ଭୁଲ ପନ୍ଥା ଅବଲମ୍ବନ କରିବେ ନାହିଁ । ଏହି ପ୍ରକାର ବୁଝାମଣା ଦ୍ୱାରା ଦମ୍ପତି ବିବାହ ବନ୍ଧନକୁ ସୁଦୃଢ଼ କରିପାରିବେ, ତଥା ସ୍ୱାମୀ–ସ୍ତ୍ରୀ ମଧରେ ଦେଖା ଯାଉଥିବା ମୃତ ପ୍ରାୟ ସମ୍ପର୍କ କିମ୍ବା ବିଚ୍ଛେଦ ଅବସ୍ଥାରୁ ପରିବାରକୁ ରକ୍ଷା କରିପାରିବେ ।

୫. ଖ୍ରୀଷ୍ଟୀୟ ପରିବାରରେ ଦମ୍ପତି ଯିଏ ନିଜ ଜୀବନକୁ ଖ୍ରୀଷ୍ଟଙ୍କ ଦ୍ୱାରା ମୁକ୍ତିର ଚିତ୍ରରେ ଚିତ୍ରିତ କରିପାରିଛନ୍ତି, ସେ ଦୋଷଭାବନା ଓ କପଟ ରହିତ ଜୀବନ କାଟିପାରିବେ । ସେମାନେ ଅଣ–ଧର୍ମଶାସ୍ତ୍ରୀୟ ପରମ୍ପରାରୁ ମୁକ୍ତ ଏବଂ ଖ୍ରୀଷ୍ଟଙ୍କ ଠାରେ ଏକ ଆରେକର ଉତ୍ତରଦାୟୀ ଭାବେ ଆନନ୍ଦ କରିପାରିବେ । ଏହା କରିବା ଦ୍ୱାରା, ସେମାନେ ପବିତ୍ର ଧର୍ମଶାସ୍ତ୍ର ଅନୁସାରେ ଆଜ୍ଞାକାରୀ ଭାବରେ ପ୍ରକାଶିତ ହୋଇପାରିବେ, ଖ୍ରୀଷ୍ଟଙ୍କ ମୁକ୍ତିର ସନ୍ଧାନରେ ଥିବା ଅନ୍ୟ ଦମ୍ପତିମାନଙ୍କ ସମ୍ମୁଖରେ ଆଦର୍ଶ ହୋଇପାରିବେ ଏବଂ ମଣ୍ଡଳୀ ଓ ପରିବାର ଉପରେ ଥିବା ପୁରୁଷ ଓ ନାରୀଙ୍କ ଅଣଧିକାର ଓ ଅସମାନତାର ମୁକାବିଲା କରିପାରିବେ ।

**ଆମ୍ଭେମାନେ ବିଶ୍ୱାସ କରୁ ଯେ ଉପରୋକ୍ତ ଲିଖିତ ତତ୍ତ୍ୱ ପବିତ୍ର ଧର୍ମଶାସ୍ତ୍ର ଅନୁସାରେ ସତ୍ୟ ଅଟେ ।**

**ଆମ୍ଭେମାନେ ଏହି ବିଶ୍ୱାସରେ ଏକବଦ୍ଧ ଯେ ବାଇବଲ ସମ୍ପୂର୍ଣ୍ଣତାରେ ମୁକ୍ତକାରୀ ପରମେଶ୍ୱରଙ୍କ ବାକ୍ୟ, ଯାହା ପୁରୁଷ ଓ ନାରୀଙ୍କୁ ସର୍ବାଧିକ ଉପଯୁକ୍ତ ମାର୍ଗ ପ୍ରଦାନ କରେ, ଯେପରି ସେମାନେ ପବିତ୍ର ଆତ୍ମାଙ୍କ ପ୍ରାପ୍ତ ହୋଇଥିବା ଆତ୍ମିକ ଦାନ ସମ୍ପୂର୍ଣ୍ଣତାରେ ପରମେଶ୍ୱରଙ୍କ ସେବାରେ ବ୍ୟବହାର କରିପାରିବେ ।**

---

**ଲେଖକ :** ଗିଲ୍‌ବର୍ଟ ବିଲେଜେକିଆନ, ଡବ୍ଲ୍ୟୁ ୱାର୍ଡ଼ ଗେସ୍କ୍ୟୁ, ଏନ୍.ଗିଣ୍ଡ୍ରି, ଗ୍ରେଚେନ ଗୈବେଲିଅନ୍ ହଲ୍, କୈଥରିନ କ୍ଲାର୍କ କ୍ରୋଇଜର୍, ଯୋ ଏନ୍ ଲିୟାନ୍, ରୋଜର ନିକାଲ ।

ପରବର୍ତ୍ତୀ ଯୋଗଯୋଗ ପାଇଁ ଠିକଣା :

(C) 1989 ଖ୍ରୀଷ୍ଟିୟାନ ଫର୍ ବିବ୍ଲିକାଲ୍ ଇକ୍ୱାଲିଟି

ଖ୍ରୀଷ୍ଟିୟାନ ଫର୍ ବିବ୍ଲିକାଲ୍ ଇକ୍ୱାଲିଟି, 122 ୱେଷ୍ଟ୍ ଫ୍ରାଙ୍କଲିନ୍ ଏଭେନ୍ୟୁ, ସୁଟ୍–218, ମିନିଆପୋଲିସ୍, ମିନିସୋଟା, ଆମେରିକା 55404-2451

E-mail : cbe@cebinternational.org
www.cbeinternational.org
ଫୋନ୍ : (612) 872-6898,